## ଦେଶୀ ମଦ ଚୋରା ଚାଲାଣ ବେଳେ ଚଢାଉ, ଜଣେ ଗିରଫ

ଜୟପୁର, (ପବନ ପାଣିଗ୍ରାହୀ)- ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଏକଟାଗୁଡା ନିକଟରୁ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଡପଦର ଗ୍ରାମର ଭାସ୍କର ହରିଜନ (୨୯)। ଭାସ୍କର ଏକ ବାଇକ ଯୋଗେ ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ ପୋଲିସ ଏକଟାଗୁଡାଠାରେ ଚଢାଉ କରି ତାଙ୍କୁ ଧରିଥିଲା। ତାଙ୍କଠାରୁ ୧୪ ଲିଟର ଦେଶୀ ମଦ ଓ ବାଇକ ଜବତ ହୋଇଥିବା ଥାନା ଅଧିକାରୀ ଇଶ୍ୱର ତାଣ୍ଡି କହିଛନ୍ତି।

## ସଂକ୍ଷେପରେ

### ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗର ତତ୍ପରତା
### ୮ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେଲା

ନନ୍ଦପୁର, ୧୦।୯ (ଶଙ୍କର ପୂଜାରୀ)

ଗତ ଶନିବାରଠାରୁ ଏ ଶନିବାର ଦୀର୍ଘ ୮ ଦିନ ଧରି ନନ୍ଦପୁର ବ୍ଲକ ପାଛଲୁଙ୍ଗ ପଞ୍ଚାୟତର ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ଅନ୍ଧାରରେ ଥିଲେ। ଲୋକଙ୍କ ଅସୁବିଧା ଓ ଅଭିଯୋଗକୁ ଟିପି ଏସ୍ଓଡିଏଲ କର୍ତ୍ତୃପକ୍ଷ ଅଣଦେଖା କରିଆସୁଥିଲେ। ତେବେ ଘଟଣା ସମ୍ପର୍କରେ ଧରିତ୍ରୀରେ 'ସପ୍ତାହେ ହେଲା ନନ୍ଦପୁର ବ୍ଲକର ୮ ଗାଁ ଅନ୍ଧାରରେ' ଶୀର୍ଷକ ଖବର ପ୍ରକାଶ ପରେ ଦକ୍ଷିଣାଞ୍ଚଳ ଟିପିଏସ୍ଓଡିଏଲ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ନନ୍ଦପୁର ଓ ପାଡୁଆରୁ ମରାମତି ଟିମ୍ ପହଞ୍ଚି ବିଦ୍ୟୁତ୍ କାଟର ସ୍ଥିତି ଯାଞ୍ଚ କରି ମରାମତି କରିଛନ୍ତି। ଫଳରେ ଏବେ ଏହି ୮ଟି ଗ୍ରାମକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ଗ୍ରାମବାସୀ ଏଭଳି ଦ୍ରୁତ ପଦକ୍ଷେପ ଲାଗି 'ଧରିତ୍ରୀ'କୁ ଶ୍ରେୟ ଦେଇଛନ୍ତି।

### ରାତିରେ ବୁଲି ୧୦ ଅଟକ

ଜୟପୁର, ୧୦।୯ (ପବନ ପାଣିଗ୍ରାହୀ)

ମଦ୍ୟପାନ କରି ବାଇକ୍ ଚାଲାଇବା ଓ ରାତିରେ ବୁଲିବା ନେଇ ଟାଉନଥାନା ପୋଲିସ ୧୦ ଜଣଙ୍କୁ ଅଟକ ରଖିଛି। ଜୟପୁର ସହରର ଗ୍ଲୋକ୍ଲାଲ ହସ୍ପିଟାଲ, ବାଇପାସ ରୋଡ, ଗାନ୍ଧୀ ଛକ, ଏମଜିରୋଡରେ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ୪ ଜଣଙ୍କୁ ଅଟକ ରଖି ୩ଟି ବାଇକ୍ ଜବତ କରଥିଲା। ଏହି ବ୍ୟକ୍ତିମାନେ ହେଲେ ଟିଚର କୋଲନୀ ଓଡିଆ ମେଦ୍ରୀସାହିର ମହମ୍ମଦ ରସୁଲ, ପାରାବେଡାର ସୁମିତ ସାହୁ, ଓଟିପି ଲାଇନର ସ୍ୱରାଜ ଭଞ୍ଜ ଓ ଅମ୍ରିତ ରଥ। ଏଥିସହ ପୋଲିସ ପ୍ରସାଦରରାଓପେଟାର ୬ ଜଣ ଯୁବକ ରାତି ୩ଟାରେ ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକ ରଖିଛି।

### ସତ୍ୟସାଇ ସେବା ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ପାପଡାହାଣ୍ଡି, ୧୦।୯ (ସ୍ୱପ୍ନଜିତ ପଟନାୟକ

ନବରଙ୍ଗପୁର ଜିଲା ପାପଡାହାଣ୍ଡିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣକୁ ରବିବାର ନବରଙ୍ଗପୁର ଜିଲା ସତ୍ୟସାଇ ସେବା ସଂଘର ସଦସ୍ୟମାନେ ସଫେଇ କରିଛନ୍ତି। ମନ୍ଦିର ପରିସରରେ ଥିବା ଅଳିଆ ଆବର୍ଜନାକୁ ସଦସ୍ୟମାନେ ସଫା କରିଥିଲେ। ଜିଲାର ୫ଟି ସତ୍ୟସାଇ ସେବା ସଂଘ ଯଥା ଡାବୁଗାଁ, ଉମରକୋଟ, ନବରଙ୍ଗପୁର, ଝରିଗାଁ ଏବଂ ରାଇଘର ସେବା ସଂଘ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ୧୭ରେ ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହାରୁଦ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଘ ସଦସ୍ୟ ଲିଙ୍ଗ ମୂର୍ତ୍ତି ସୂଚନା ଦେଇଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ଜିଲାରୁ ପ୍ରାୟ ୬୦ ଜଣ ସଦସ୍ୟ ସାମିଲ ହୋଇଥିଲେ। ଜିଲା ସତ୍ୟସାଇ ସେବା ସଂଘ ସଭାପତି ଏ. ବାଲ ରାଜୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସଫେଇ କାର୍ଯ୍ୟକ୍ରମରେ ଶ୍ରୀନିବାସ ପଟ୍ଟନାୟକ, ରବୀନ୍ଦ୍ର ମୋହନ ପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ମାସେ ମଧ୍ୟରେ ଦାବି ପୂରଣ ନ କଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ

### ଦାବି ପୂରଣ ନେଇ ଏକାଠି ହେଲା ଗ୍ରାମରକ୍ଷୀ ସଂଘ

କୋରାପୁଟ, ୧୦।୯ (ଅମିତାଭ ବେହେରା)



ଗ୍ରାମରକ୍ଷୀମାନେ ଏକାଠି ହୋଇ ନାରାବାଜୀ କରୁଛନ୍ତି।

ଅବିଭକ୍ତ କୋରାପୁଟ ଜିଲା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡାର ଶତାଧିକ ଗ୍ରାମରକ୍ଷୀ ସେମାନଙ୍କ ଦାବିପୂରଣ ନେଇ ଏବେ ଏକାଠି ହୋଇଛନ୍ତି। ରବିବାର ସ୍ଥାନୀୟ ନିଶାଣୀମୁଣ୍ଡାଠାରେ ସେମାନେ ଏନେଇ ଏକ ବୈଠକ କରିଥିଲେ। ବ୍ରିଟିଶ ଅମଳରୁ ସେମାନେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଗ୍ରାମଗୁଡିକରେ ଘଟୁଥିବା ସମସ୍ତ ଘଟଣା ସମ୍ପର୍କରେ ନିକଟସ୍ଥ ଥାନା ଅଧିକାରୀଙ୍କୁ ସୂଚନା ଦେଉଛନ୍ତି। ଗ୍ରାମରକ୍ଷୀମାନେ ପୋଲିସକୁ ସୂଚନା ଦେଉଥିବାରୁ ମାଓବାଦୀଙ୍କ ଆକ୍ରୋଶର ଶିକାର ହୋଇ ପୂର୍ବରୁ ଅନେକ ଗ୍ରାମରକ୍ଷୀ ମାଓବାଦୀଙ୍କ ହାତରେ ପ୍ରାଣ ହରାଇଛନ୍ତି। ପ୍ରତି ନିର୍ବାଚନ ସମୟରେ ଗ୍ରାମରକ୍ଷୀମାନେ ପ୍ରତି ବୁଥରେ ନିୟୋଜିତ ହୋଇଥାନ୍ତି। ୨୪ ଘଣ୍ଟା କାର୍ଯ୍ୟ କରୁଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ଗ୍ରାମରକ୍ଷୀମାନେ ଅଭିଯୋଗ କରିଛନ୍ତି। ୨୦୧୫ରେ ୬୫୦୦ ଟଙ୍କା ଗ୍ରାମରକ୍ଷୀମାନଙ୍କୁ ଦେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଏନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମରକ୍ଷୀମାନେ ଜୀବନକୁ ବାଜି ଲଗାଇ କାମ କରୁଥିଲେ ମଧ୍ୟ ସେମାନଙ୍କୁ ଉଚିତ୍ ପାରିଶ୍ରମିକ ମିଳୁନାହିଁ। ସେମାନଙ୍କୁ ମାସିକ ୧୮୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥିରେ ପରିବାର ଚଳାଇବା କଷ୍ଟକର ହେଇପଡୁଛି ବୋଲି ଗ୍ରାମରକ୍ଷୀମାନେ ପ୍ରକାଶ କରିଛନ୍ତି। ସେମାନଙ୍କୁ ମାସିକ ପାରିଶ୍ରମିକ ୧୬ ହଜାର ଦେବା, ସେମାନଙ୍କ ମୃତ୍ୟୁ ହେଲେ ସହାୟତା ରାଶି ପ୍ରଦାନ ସହ ପରିବାରର ଜଣଙ୍କୁ ଚାକିରି ଦେବା ଏବଂ ଅନ୍ୟାନ୍ୟ ଦାବି ସମ୍ପର୍କରେ ସେମାନେ ବୈଠକରେ ଆଲୋଚନା କରିଥିଲେ। ମାସକ ମଧ୍ୟରେ ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ସେମାନେ ଆଗକୁ ହେବାକୁ ଥିବା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ। ଥାନା ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନେଇଥିଲେ। ଗ୍ରାମରକ୍ଷୀ ସଂଘ ସଭାପତି ଦିବାକର ଜାନି, ଖଗପତି ମାଳି, ସୁବାଷ ଚନ୍ଦ୍ର ନାୟକ, ଦାଶରଥି ମାଳିଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାର ଶତାଧିକ ଗ୍ରାମରକ୍ଷୀ ବୈଠକରେ ଉପସ୍ଥିତ ଥିଲେ।

## ନଦୀରେ ଜୟଙ୍କ ପତ୍ତା ମିଳୁନି

### ଡଙ୍ଗାରୁ ନିଖୋଜ ଘଟଣା

ନନ୍ଦପୁର, ୧୦।୯ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଦାରଲିପୁଟ-ଗୋଲୁର ପାତାଳୀ ନଦୀରେ ଶନିବାର ଅପରାହ୍ନରେ ଡଙ୍ଗାରୁ ଖସିପଡି ନିଖୋଜ ହୋଇଥିବା ଗାଲଗାଣ୍ଡା ଗ୍ରାମର ଜୟ ଖିଲଙ୍କ ରବିବାର ମଧ୍ୟ କିଛି ପତ୍ତା ମିଳିନି। ୩୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ଦିଗରେ ନନ୍ଦପୁର ଅଗ୍ନିଶମବାହିନୀ ଓ ପାଡୁଆ ପୋଲିସକୁ ସଫଳତା ମିଳିନି। ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଜାଖୋଜି କରି ଜୟଙ୍କ ସନ୍ଧାନ ନ ପାଇ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗୋଲୁର ବିଦ୍ୟାଳୟ ଛାତ୍ରାବାସରେ ପୁଅକୁ ଛାଡ଼ି ଜୟ ଗ୍ରାମର ଅନ୍ୟ ଜଣେ ଛାତ୍ର ଦେବ ବୁରୁଡିଙ୍କୁ ସେହି ସ୍କୁଲରୁ ଧରି ଗ୍ରାମକୁ ଆସୁଥିଲେ। ତେବେ ନଦୀପାର ହେଉଥିବା ସମୟରେ ଦେବ ଡଙ୍ଗାରୁ ଖସିପଡିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ଦେବଙ୍କୁ ବଞ୍ଚାଇବାକୁ ଯାଇ ଜୟ ଏଯାଏ ନଦୀରେ ନିଖୋଜ ଅଛନ୍ତି।

## କେନ୍ଦ୍ରୀୟ ସଙ୍ଗଠନର ୨ଘଣ୍ଟିଆ ଧାରଣାକୁ ସମର୍ଥନ

### ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ବୈଠକ

ଜୟପୁର, ୧୦।୯ (ପବନ ପାଣିଗ୍ରାହୀ)

ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ରବିବାର ଇପିଏଫ ପେନସନର୍ସ ଆସୋସିଏଶନ କୋରାପୁଟ ଜିଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ନଳିନୀ ଏଥିରେ ସଭାପତିତ୍ୱ କରିଥିଲେ। ସର୍ବନିମ୍ନ ପେନସନ ମାସିକ ୯ହଜାର କରିବା ଓ ପେନ୍‌ସନଧାରୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ଚାଲିଥିବା ଆନ୍ଦୋଳନକୁ ଜୋର୍‌ଦାର୍ କରିବାକୁ କେନ୍ଦ୍ରୀୟ ସଙ୍ଗଠନ ପକ୍ଷରୁ ଆସନ୍ତା ୧୫ରେ ସାରା ଦେଶରେ ଦୁଇ ଘଣ୍ଟା ଧାରଣା ଦେବାକୁ ହୋଇଥିବା ନିଷ୍ପତ୍ତକୁ ସମର୍ଥନ କରାଯାଇଥିଲା। ଜୟପୁରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପୀଠରେ ଏହି ଧାରଣା ହେବ। ବୈଠକରେ ଦଣ୍ଡପାଣି ପାତ୍ର, ଏମଏନ ରାଓ, ଏନ ଏସଆର୍ ମୂର୍ତ୍ତି, ଉମାକାନ୍ତ ରଥ, କିଶୋର ପଣ୍ଡା, ଏସ.କେ. ବିଶ୍ୱାଳ, ପ୍ରଦୀପ ମହାନ୍ତି, ପ୍ରମୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜୋନାଲସ୍ତରୀୟ ଆଇନ ସାକ୍ଷରତା କ୍ଲବ ମଧ୍ୟରେ ପ୍ରତିଯୋଗିତା

ଜୟପୁର, ୧୦।୯ (ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜୋନାଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଜୋନ ନଂ-୬ ରୂପେ କୋରାପୁଟ ଜିଲା ଏହି ପ୍ରତିଯୋଗିତା ଆୟୋଜନ କରିଥିଲା। ଏଥିରେ ୪ଟି ଜିଲାର ଆଇନ ସାକ୍ଷରତା କ୍ଲବର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ମାଲକାନାଗିରି, କୋରାପୁଟ ଜିଲାର ପ୍ରତିଯୋଗୀ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ କ୍ଷୁଦ୍ର ଏକାଙ୍କିକା ନାଟକ ପ୍ରତିଯୋଗିତା ହୋଇଥିଲା। ନାଟକରେ ମେସିଙ୍ଗପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ନବରଙ୍ଗପୁର ଜିଲାର ତାରାଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ କଳାହାଣ୍ଡି ଜିଲାର ମୁସିଗୁଡା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରବନ୍ଧରେ ଜୟପୁର ସିଟି ଆଇସ୍କୁଲର ଅଂଶୁମାନ ସ୍ୱାଇଁ ପ୍ରଥମ, ମୁସିଗୁଡା ଆଦର୍ଶ ବିଦ୍ୟାଳୟର କୁମାରୀ ତପସ୍ୱିନୀ ଦାସ ଦ୍ୱିତୀୟ ଓ ଖାତିଗୁଡା ଜବାହରଲାଲ ନବୋଦୟ ବିଦ୍ୟାଳୟର ପ୍ରଜ୍ଞା କରକରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତାରେ କୋଟପାଡ ଆଦର୍ଶ ବିଦ୍ୟାଳୟର ସାଇ କିରନ ପଟ୍ଟନାୟକ ପ୍ରଥମ, ଉମରକୋଟ ଆଦର୍ଶ ବିଦ୍ୟାଳୟର କୁମାରୀ ସନସିତା ପଠା ଦ୍ୱିତୀୟ ଏବଂ ନବରଙ୍ଗପୁର ଜିଲା ଉମରକୋଟ ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଚିତ୍ରାଙ୍କନରେ କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ଶିବା ନାୟକ ପ୍ରଥମ, ଜୟପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଫୁଲ୍ଲ ସାନ୍ତା ଦ୍ୱିତୀୟ ଓ ଉମରକୋଟ ଆଦର୍ଶ ବିଦ୍ୟାଳୟର କୁମାରୀ ଅଭିଲିସା ପାଢୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିବାର ଅଦାଲତର ବିଚାରପତି ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲା ଜଜ୍ ସିଏଚ ବାସୁଦେବ ପାତ୍ର, ବରିଷ୍ଠ ଦେୱାନି ବିଚାରପତି ଅଞ୍ଜଳି ମାଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ରେଖାରାଣୀ ପଠା, ପ୍ରାଧିକରଣ ସଚିବ ସୁମନ ଜେନା ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ପରିବାର ଅଦାଲତର ବିଚାରପତି ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲା ଜଜ୍ ସିଏଚ ବାସୁଦେବ ପାତ୍ର, ବରିଷ୍ଠ ଦେୱାନି ବିଚାରପତି ଅଞ୍ଜଳି ମାଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ରେଖାରାଣୀ ପଠା ଉପସ୍ଥିତ ଥିଲେ। ଜୁରୀ ସଚିବ ରୂପେ ସତ୍ୟ ସୁନ୍ଦର ଦାଶ, କବିତା ବଡେଇ, ଅଧାପକ ଉଦୟଶଙ୍କର ଜାନି, ପଦ୍ମଚରଣ ଚୌଧୁରୀ ଦାୟିତ୍ୱ ତୁଲାଇଥିଲେ। କ୍ଷୁଦ୍ର ନାଟକରେ ବିଜୟୀ ଦଳକୁ ଟ୍ରଫି ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ କଟକରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ବାଲ୍ୟ ବିବାହ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ, ୧୦।୯ (ଅମିତାଭ ବେହେରା)

ଜିଲା ସମାଜ ମଙ୍ଗଳ କଲ୍ୟାଣ ବିଭାଗ, ଆକ୍ସନ ଏଡ଼ ଓ ୟୁନିସେଫ ମିଳିତ ଉଦ୍ୟମରେ ଶୁକ୍ରବାର ବାଲ୍ୟ ବିବାହ ରୋକିବା ନେଇ ଜିଲାର ଜାତି ସମାଜ ମୁଖିଆମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଅଧକ୍ଷତା କରିଥିଲେ। ପ୍ରଶାସନ ଏବଂ ଜାତି ସମାଜର ଉତ୍ତମ ସମ୍ପର୍କ ବାଲ୍ୟ ବିବାହ ରୋକି ପାଇବ ବୋଲି ମତଦେଇଥିଲେ। ଏଥିସହ ବୈଠକରେ ଅଧାରୁ ପାଠ ଛାଡିଥିବା ଝିଅମାନଙ୍କୁ ବିଭିନ୍ନ ତାଲିମ ଏବଂ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ସମାଜ ମଙ୍ଗଳ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜାତି ସମାଜ ମୁଖିଆମାନଙ୍କ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ବାଲ୍ୟ ବିବାହର ଅପକାରିତା ଏବଂ କିଭଳି ଏହା ସମାଜ, ପରିବାର ଏବଂ କିଶୋରୀ କିଶୋରଙ୍କ ଉପରେ କୁପ୍ରଭାବ ପକାଉଛି ତାହା ବୁଝାଇଥିଲେ। ଜିଲା ସଂଯୋଜକ ପ୍ରସନ୍ନ ମିଶ୍ର ଜିଲାରେ ବାଲ୍ୟବିବାହର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ ବାଲ୍ୟ ବିବାହକୁ ରୋକିବା ଲାଗି ଗ୍ରାମାଞ୍ଚଳରେ ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମ କରିବାନେଇ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାସ ବାଲ୍ୟ ବିବାହ ନିରାକରଣ-୨୦୦୬ ଆଇନ ଉପରେ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିସା ସଚେତନତା ବାଲ୍ୟ ବିବାହ ରୋକିପାରିବ ବୋଲି କହିଥିଲେ।

## କ୍ୟାଡର ପୁନର୍ଗଠନ ନେଇ ଆଲୋଚନା ହୋଇଛି



ବୈଠକରେ ଉପସ୍ଥିତ ସଦସ୍ୟମାନେ।

### ଓଡିଶା ମେଡିକାଲ ଲାବରୋଟୋରି ଟେକ୍ନିସିଆନ ସଂଘ ଜୋନାଲ ବୈଠକ

କୋରାପୁଟ, ୧୦।୯ (ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟୟନ ପ୍ରକୋଷ୍ଠରେ ଓଡିଶା ମେଡିକାଲ ଲାବରେଟୋରି ଟେକ୍ନିସିଆନ ସଂଘର ଜୋନାଲ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁନୀଲ ସାହୁଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କ୍ୟାଡ଼ର ପୁନର୍ଗଠନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଛି। ସରକାରଙ୍କ ପକ୍ଷରୁ ସକାରାତ୍ମକ ପ୍ରତିଶ୍ରୁତି ମିଳିଥିବା ସ୍ୱାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପଦେଷ୍ଟା ଗଙ୍ଗାଧର ସାମନ୍ତରାୟ, କୋଷାଧକ୍ଷ ଲଳିତ ବେହେରା, କାର୍ଯ୍ୟକାରୀ ସଦସ୍ୟ ଅନନ୍ତ ଭଦ୍ରା, ଲେନିନ ପଣ୍ଡା, ଚୈତନ୍ୟ ରାଉତ, କୋରାପୁଟ ଶାଖା ସମ୍ପାଦକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଉପଦେଷ୍ଟା ସିଏଚ. ରାଘବ ଚନ୍ଦ୍ର ଚିନ୍ନାରା ପ୍ରମୁଖ ଉପସ୍ଥିତ ଥିଲେ। ସସ୍ମିତା ରାଉତ, ସ୍ମୃତି ରଞ୍ଜନ ଲେଙ୍କା, ଚନ୍ଦନ ମେହେର, ସନ୍ତୋଷ ବାରିକ, ଧର୍ମେନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ।

## ନବରଙ୍ଗପୁର ଜିଲାକୁ ୫ ଭ୍ରାମ୍ୟମାଣ ଗାଡି

### ପ୍ରାଣୀ ଚିକିତ୍ସା ସେବା ଯୋଜନା

ନବରଙ୍ଗପୁର, ୧୦।୯ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ଜିଲାକୁ ମିଳିଥିବା ପ୍ରାଣୀଚିକିତ୍ସା ଗାଡି।

ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଜନାରେ ରାଜ୍ୟର ୧୮୧ଟି ବ୍ଲକକୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡି ମିଳିଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁ ଜିଲା ପାଇଁ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଗାଡିଗୁଡିକର ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ କରିଥିଲେ। ଏହି କ୍ରମରେ ନବରଙ୍ଗପୁର ଜିଲା ପାଇଁ ୫ଟି ଭ୍ରାମ୍ୟମାଣ ଗାଡି ମିଳିଛି। ନବରଙ୍ଗପୁର, ପାପଡାହାଣ୍ଡି, ଡାବୁଗାଁ, ଉମରକଟ ଏବଂ ଝରିଗାଁ ପାଇଁ ଏହି ଗାଡି ପ୍ରଦାନ କରାଯାଇଛି। ରବିବାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାରିସରରେ ଏହି ଗାଡିଗୁଡିକୁ ପୂଜାର୍ଚ୍ଚନା ପରେ ଜଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଧେଶ୍ୟାମ ଲାଏକ ସବୁ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କୁ ଗାଡି ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ପ୍ରଶାନ୍ତ ସାମଲ (ଏଡିଭିଓ ଡିସି), ଡାବୁଗାଁ ବିଡିଓ ଦିଲିପ କବିରା, ସିନିଗୋ ମୁର୍ମୁ, ନବରଙ୍ଗପୁର ଅତିରିକ୍ତ ସହକାରୀ ପ୍ରାଣୀ ଚିକିତ୍ସକ ଡାକ୍ତର ସ୍ମିତାଶ୍ରୀ ପଟ୍ଟନାଏକ ଓ ବାଏଫର ଜିଲା ଅଧିକାରୀ ତାପସ ସାହୁ ଉପସ୍ଥିତ ଥିଲେ। ଜିଲାର ଉପୋରକ୍ତ ୫ଟି ବ୍ଲକରେ ଚାଷୀମାନଙ୍କ ସୁବିଧା ପାଇଁ ଏହି ଗାଡିଗୁଡିକ ଘର ଘର ବୁଲି ପ୍ରାଣୀ ଚିକିତ୍ସା ଯୋଗାଇବେ। ଗୋରୁମାନଙ୍କ ରୋଗ ଚିକିତ୍ସା, ଟୀକାକରଣ, ଅସ୍ତ୍ରୋପଚାର, କୃତ୍ରିମ ପ୍ରଜନନ, ରୋଗ ନିରୂପଣ, ପରାମର୍ଶ ଏବଂ ସଚେତନତା ଆଦି ସେବା ଯୋଗାଇବେ। ଏହାଦ୍ୱାରା ଗୋପାଳନ କରୁଥିବା ଚାଷୀଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ସୂଚନାଯୋଗ୍ୟ, ଏହି ଗାଡିଗୁଡିକରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରହିବା ସହିତ ଏହାକୁ ଜିପିଏସ ମାଧ୍ୟମରେ ଟ୍ରାକିଂ କରିବା ବ୍ୟବସ୍ଥା ମଧ୍ୟ ରହଛି।

## ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର ୧୦।୯ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ରବିବାର ଜୟପୁର ଅବକାରୀ ବିଭାଗ କର୍ମଚାରୀ ରତାଖଣ୍ଡି ଜଙ୍ଗଲରେ ଚଢାଉ କରି ୬ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ନଷ୍ଟ କରିଛନ୍ତି। ବହୁ ମଦ ଭାଟି ଭାଙ୍ଗି ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ ଜବତ କରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

## ସରିଲା ଓଡ଼ିଶା ଅମଲା ସଂଘ ଜିଲା ଶାଖା ନିର୍ବାଚନ



ନିର୍ବାଚିତ ହୋଇଥିବା କର୍ମକର୍ତ୍ତାମାନେ।

କୋରାପୁଟ, ୧୦।୯ (ଅମିତାଭ ବେହେରା)

କୋରାପୁଟ ଜିଲା ଅମଲା ସଂଘର ନିର୍ବାଚନ ରବିବାର କୋରାପଟସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ସମସ୍ତ ବିଭାଗର ଅମଲାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ନିର୍ବାଚନରେ ନିତ୍ୟାନନ୍ଦ ଭତ୍ରା ସଭାପତି, ଯୋଗେଶ୍ୱର ବେହେରା ଉପସଭାପତି, ମନୋଜ ବାରିକ ସମ୍ପାଦକ ଏବଂ ଜଗନ୍ନାଥ ନାୟକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସୌମ୍ୟ ଶୁଭଦର୍ଶୀ ମିଶ୍ର ସହ-ସମ୍ପାଦକ ଭାବରେ ରୂପେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ଜିଲା ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅମଲା ଅନୁପମ ମହାରଣା ନିର୍ବାଚନ ପରିଚାଳନା କରିଥିଲେ। ଅନିଲ ନୟନ ପାତ୍ର, ପ୍ରଦୀପ ଚନ୍ଦ୍ର ନାୟକ, ଦିପ୍ତୀ ପ୍ରକାଶ ମହାପତ୍ର, ପ୍ରଶାନ୍ତ ମହାପାତ୍ର, ଏମ. ମୁରଲି, ସିଦ୍ଧାର୍ଥ ମହାପତ୍ର ଏବଂ କୃଷ୍ଣଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା।

## ତୃତୀୟ ଦିନରେ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ

ସେମିଳିଗୁଡା/ନନ୍ଦପୁର, ୧୦।୯
(ବାସୁଦେବ ବରଡ/ଶଙ୍କର ପୂଜାରୀ)



କୋରାପୁଟ ଜିଲା ସେମିଳିଗୁଡାରେ ରବିବାର ପ୍ରାଥମିକ ଶିକ୍ଷକ ସଂଘର ଧାରଣା ତୃତୀୟ ଦିନରେ ପହଞ୍ଚିଛି। ଧାରଣା ସ୍ଥଳରେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ସୁନାବେଡା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ଓ ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି ପହଞ୍ଚି ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦାବିକୁ ସମର୍ଥନ କରିଥିଲେ। ଏନେଇ ଆମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ସେମାନେ ଉପସ୍ଥିତ ୩ଶହରୁ ଊର୍ଦ୍ଧ୍ୱ ଶିକ୍ଷୟତ୍ରୀଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟରେ ଯୋଗଦେଇ ଶିକ୍ଷାଦାନ ଅବ୍ୟାହତ ରଖିବାକୁ ସେମାନେ ପରାମର୍ଶ ଦେଇଥିଲେ। ସଂଘ ସଭାପତି ବିଜୟ ଇଡିଙ୍ଗ ଧାରଣା ସ୍ଥଳରେ କାର୍ଯ୍ୟ ପରିଚାଳନା କରିଥିଲେ।

ନନ୍ଦପୁର ବ୍ଲକରେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଜାରି ରହିଛି। ସରକାର ଆମ ଦାବି ପୂରଣ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ସନିଆ ମୁଦୁଲି କହିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏହାକୁ ଅଭିଭାବକ ଓ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ ଏହି ଆନ୍ଦୋଳନ ଯୋଗୁ ନନ୍ଦପୁର ବ୍ଲକର ୧୭୪ ବିଦ୍ୟାଳୟରେ ତାଲା ଝୁଲୁଛି।

## 'ଜୀବନରେ ସମସ୍ତଙ୍କ କିଛି ଲକ୍ଷ୍ୟ ରହିବା ଉଚିତ୍'

### ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ

ବରଙ୍ଗପୁର, ୧୦।୯ (ସଦାଶିବ ପ୍ରହରାଜ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର ଜିଲା ତେନ୍ତୁଳଖୁଣ୍ଟି ବ୍ଲକର ବିକ୍ରାଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ କରୁଣାକର ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତେନ୍ତୁଳଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଯୋଗ ଦେଇ ଜୀବନରେ ସମସ୍ତଙ୍କର କିଛି ଗୋଟିଏ ଲକ୍ଷ୍ୟ ରହିବା ଉଚିତ୍ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶିକ୍ଷକ ମନୋଜ ପଟ୍ଟନାୟକ ପରିଚାଳନା କରିଥିଲେ। ଶିକ୍ଷକ କାହ୍ନୁ ଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ ଭତରା, ଉପସଭାପତି ଡାଲବନ୍ଧୁ ମାଝୀ, ଉପଦେଷ୍ଟା ନିର୍ମଳ ଖଣ୍ଡପାନ, ସରପଞ୍ଚ ରତନା ଜାନି, ପୂର୍ବତନ ଉପାଧକ୍ଷ ଜଗନ୍ନାଥ ମାଝୀ, ପୂର୍ବତନ ସମିତିସଭ୍ୟ ରଣଜିତ୍ ଖଣ୍ଡପାନ, ସମିତିସଭ୍ୟ ଜିତେନ୍ଦ୍ର ହରିଜନ, ଅଭିଭାବକ ମଧୁ ଜାନି, ଭୋଳା ହରିଜନ, ଗୋବିନ୍ଦ ଜାନି, ଦୋଷା ମାଝୀ ଏବଂ ଜିଲା ମଙ୍ଗଳ କାର୍ଯ୍ୟାଳୟର ଆଇସିଡିଏସ୍ ସୁପରଭାଇଜର ସବିତା ମଲିକ, ସନ୍ତୋଷ ଦାଶ, ଶିଶିର ପଣ୍ଡା ଉପସ୍ଥିତ ଥିଲେ। ସଭା ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯକ୍ରମରେ ଜିଲା ଆଇଟିଡିଏ, ମିଶନ ଶକ୍ତି ଏବଂ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଯୋଜନାଗୁଡ଼ିକର ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଅଭିଭାବକମାନଙ୍କ ଉପସ୍ଥିତିରେ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପି.ଧରଣୀଧର, ସୌରଭ ସାହୁ, ଶିକ୍ଷୟିତ୍ରୀ ଶୁଭଶ୍ରୀ ବରାଡ, ଡାଇନା ଥ୍ୟାଚର୍, ସୁନିତା ତ୍ରିପାଠୀ, ପଦ୍ମା ଖୋରା, ଏ .ସରିତା ନାଇଡୁ, ସସ୍ମିତା ଦାସ, ରଜନୀ ବେହେରା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ପ୍ରସ୍ତୁତି



ଗୁଣପୁର,୧୦।୯(ପ୍ରଦୀପ କୁମାର ପାଢୀ)

ଗୁଣପୁର ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଂଘ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର କାଶୀ ବିଶ୍ୱନାଥ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମନୋରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମା'ଙ୍କ ପୂଜାର ସୁପରିଚାଳନା ନିମନ୍ତେ ଆଲୋଚନା କରାଯିବା ସହ ବିଭିନ୍ନ କମିଟିମାନ ଗଠନ କରାଯାଇଥିଲା। ଆସନ୍ତା ୨୧ତାରିଖ ସକାଳେ ଶୁଭଖୁଣ୍ଟି ସ୍ଥାପନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଅକ୍ଟୋବର ୨୮ତାରିଖରେ ମା'ଙ୍କ ପୂଜା ସହ ଚନ୍ଦ୍ରଗହଣ ପଡୁଥିବାରୁ କିପରି ନିତିକାନ୍ତି କରାଯିବା ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଜାଗୃତି ସାଂସ୍କୃତିକ ସଂଘର କର୍ମକର୍ତ୍ତାଙ୍କ ୩ ବର୍ଷ କାର୍ଯ୍ୟକାଳ ସମାପ୍ତ ହୋଇଥିବାରୁ ସର୍ବସମ୍ମିତି କ୍ରମେ ପୁଣି ୧ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ନବ ନିର୍ବାଚିତ କମିଟିରେ ଉପସଭାପତି ଭାବେ କମଳାକାନ୍ତ ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ,ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ଡମ୍ବୁରୁଧର ଗୌଡ,କୋଷାଧ୍ୟକ୍ଷ ରବି ନାରାୟଣ ଶତପଥୀ, ସଂଯୋଜକ ଗୋପାଳକୃଷ୍ଣ ପାଣିଗ୍ରାହି ଏବଂ ମୁଖ୍ୟ ଉପଦେଷ୍ଟା ଭାବେ ଭଗବାନ ନିଶଙ୍କ ଓ ରାଜେନ୍ଦ୍ର ପ୍ରସାଦ ସାହୁକାର ପ୍ରମୁଖ ରହିଛନ୍ତି। ବୈଠକରେ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତ ଦେଇଥିଲେ। ଶେଷରେ ଦିଲିପ କୁମାର ରାଜଗୁରୁ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

ଚିତ୍ରକୋଣ୍ଡା,୧୦।୯(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଶ୍ୱଶ୍ରୀ ବିଶ୍ୱାସ ପ୍ରଭାତ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ସମ୍ମାନିତ ଅତିଥି ସୌମ୍ୟା ରଞ୍ଜନ ଦାସ, ଅଜୟ କୁମାର ରାଉତ, ଏମ୍. ଗୋବିନ୍ଦ ନାୟକ ମଞ୍ଚାସୀନ ଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ହୋଇଥିବା କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଚିତ୍ରକୋଣ୍ଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ସରୋଜ କୁମାର ପରିଡା, ରାମକିଶୋର ସାହୁ, ହିମାଂଶୁ ଶ୍ରୀଚନ୍ଦନ ପଣ୍ଡା, ଭରତ ବାଘ, ଭୂପିନ୍ଦର ନାୟକ, ଶୁଭମ ସାହୁ ଓ ବିଦ୍ୟାଳୟର ସମସ୍ତ ସହକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡିଏଲସିସି, ଆଡ୍‌ଭୋକାସି, ଆଡଭାଇଜରି କମିଟି ବୈଠକ

ନବରଙ୍ଗପୁର,୧୦।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ରବିବାର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଡିଏଲସିସି, ଆଡ୍‌ଭୋକାସି ଓ ଆଡଭାଇଜରି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳୀ ପ୍ରସାଦ ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଲୋଚ୍ୟ ବିଷୟ ଉପରେ ସୂଚନା ଦେଇଥିଲେ। ପ୍ରଥମେ ଜିଲା ଆଡଭାଇଜରି କମିଟି ସମ୍ପର୍କରେ ଆଲୋଚନା କରାଯାଇ ଏଥିରେ ପିସିପି ଏନ୍‌ଡିଟି ଆକ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଖ୍ରୀଷ୍ଟିଆନ ହସ୍‌ପିଟାଲରେ ଥିବା ଅଲଟ୍ରାସାଉଣ୍ଡ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ପରିମାଣରେ ଏ ସୁବିଧା ଉପଲବ୍ଧ ନ ଥିବାରୁ ବିଶେଷ କରି ଡାକ୍ତର ଓ କର୍ମଚାରୀଙ୍କ ଅଭାବ ହେତୁ ଅନେକ ଲୋକ ଖ୍ରୀଷ୍ଟିଆନ ହସ୍‌ପିଟାଲ ଉପରେ ନିର୍ଭର କରିଥାନ୍ତି। ଉଭୟ ଚିକିତ୍ସାଳୟ ସହଯୋଗରେ ଲୋକମାନେ ସହଜରେ ଏହି ସେବା କେମିତି ପାଇପାରିବେ ସେ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ ।

ଜିଲାର ରାଇଘର ଏବଂ ଚନ୍ଦାହାଣ୍ଡି ବ୍ଲକରେ ସପ୍ତାହରେ ଅନ୍ତତଃ ଦୁଇ ଦିନ ଅଲଟ୍ରାସାଉଣ୍ଡ ସୁବିଧା ବ୍ୟବସ୍ଥା କରାଗଲେ ସେ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ। ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଲିଙ୍ଗ ନିରୂପଣ କରିବା ଏକ ଅପରାଧ ସେ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେପ୍ଟେମ୍ବର ୧୧ରୁ ସମଗ୍ର ଦେଶରେ ସଶକ୍ତ ମିଶନ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ୫.୦ ଆରମ୍ଭ ହେବ। ଶିଶୁମାନଙ୍କୁ ଟିକା ଦ୍ୱାରା ପ୍ରତିରୋଧ କରାଯାଇ ପାରୁଥିବା ରୋଗ ଦାଉରୁ ରକ୍ଷା କରିବା ସହ ଶିଶୁ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଟିକା କରଣର ମୁଖ୍ୟ ଉଦ୍ଦେଶ୍ୟ ।

ନବରଙ୍ଗପୁର ଜିଲାରେ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଆଶା କର୍ମୀମାନେ ଘରକୁ ଘର ଯାଇ ସର୍ଭେ କରି ଦୁଇ ବର୍ଷରୁ କମ୍ ୬୮୨୮ ସଂଖ୍ୟକ ଶିଶୁ ୨୯୭ ଦୁଇରୁ ୫ ବର୍ଷ ମଧ୍ୟରେ ଥିବା ଶିଶୁ ଏବଂ ୨୧୩୯ ଗର୍ଭବତୀଙ୍କୁ କାର୍ଯ୍ୟକ୍ରମରେ ଟିକାକରଣ ନିମନ୍ତେ ଚିହ୍ନଟ କରିଛନ୍ତି। ସର୍ଭେ ତଥ୍ୟକୁ ଭିତ୍ତିକରି ଗ୍ରାମଠାରୁ ଜିଲା ପର୍ଯ୍ୟନ୍ତ ଅନୁଯୋଜନା ପ୍ରସ୍ତୁତ କରାଯାଇଛି। ଟିକାକରଣ ସମ୍ବନ୍ଧରେ ଜନ ସଚେତନତା ତଥା ଗ୍ରହଣୀୟତା ବୃଦ୍ଧି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଜିଲା ଓ ବ୍ଲକସ୍ତରୀୟ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲାରେ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ



ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ବୈଠକରେ ଜିଲାପାଳଙ୍କ ସହ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ।

**ଜିଲା ସ୍ୱାସ୍ଥ୍ୟ ବିଭାଗ**

ଜିଲାର ସମସ୍ତ ଜନସାଧାରଣ,ଜନପ୍ରତିନିଧି ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ପୂର୍ଣ୍ଣ ସହଯୋଗ କାମନା କରାଯାଉଛି। ଟିକାକରଣ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା,ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଳୟ କୁମାର ତ୍ରିପାଠୀ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ଡକ୍ଟର ରାଧାନାଥ ବେହେରା, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ,ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ କୁମାର ପ୍ରହରାଜ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ।

## ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ କେନ୍ଦ୍ରରେ ଭକ୍ତ ସମାବେଶ

କାଲିମେଲା,୧୦।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ସଦର ମହକୁମାସ୍ଥିତ ଅନୁକୂଳ ଚନ୍ଦ୍ର ସତସଙ୍ଗ କେନ୍ଦ୍ର ପରିସରରେ ସ୍ଥାନୀୟ ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଓ ମହିଳାଙ୍କୁ ନେଇ ଏକ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଲିମେଲା ଓ ପଡିଆ ବ୍ଲକ ଅନ୍ତର୍ଗତ ୧୦୬ ଗ୍ରାମରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ଗ୍ରାମରୁ ୩ ଜଣ ଲେଖାଏ ଅନୁକୂଳ ଚନ୍ଦ୍ରଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ସମାବେଶରେ ବିଜେଡି ଜିଲା କାର୍ଯ୍ୟକାରିଣୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି, ସତ୍ୟନାରାୟଣ ଦେ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ ଯୋଗ ଦେଇଥିଲେ। ଏଥିସହ ସୁଧାଂଶୁ ବିଶ୍ୱାସ, ସତସଙ୍ଗ କେନ୍ଦ୍ର ପରିଚାଳନା କମିଟି ସଭାପତି ଶିବୁ ଗୋଲଦାର , ଟଣ୍ଟୁ ଦେ,ସମୀର ଗୋପ, ଧୀରଜ ସାନା, ପ୍ରମିଳା ବଡୋଇ, ଆଶୋକ ବାବୁ, ମନୀନ୍ଦ୍ରନାଥ ଗୋଲଦର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ବ୍ୟକ୍ତିମାନେ ସତସଙ୍ଗ କେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସତସଙ୍ଗ କେନ୍ଦ୍ରର ଉନ୍ନତି ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ ।

## କଲଭର୍ଟରେ ପିଟିହେଲା ବୋଲେରୋ, ୬ ଆହତ

ଡାବୁଗାଁ,୧୦।୯ (ପ୍ରଜ୍ଞା ରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମାଝିଗୁଡା ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଏକ ବୋଲେରୋ ଭାରସାମ୍ୟ ହରାଇ କଲଭର୍ଟରେ ପିଟି ହୋଇଯାଇଛି। ଏହି ଦୁର୍ଘଟଣାରେ ଗାଡିରେ ଥିବା ୮ ଜଣ ମହିଳା ଓ ୨ ଜଣ ଶିଶୁଙ୍କ ମଧ୍ୟରୁ ୬ ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ଚଚା ଗ୍ରାମର ରୀନା ପ୍ରଧାନୀ (୩୫), ଉଷା ପାଇକ (୩୬), କୁମାରୀ ପୂଜାରୀ (୩୩), ହେମୁନୀ ପୂଜାରୀ (୩୨), ସନ୍ତୋଷୀ ପୂଜାରୀ (୩୦) ଓ ନୂତନ ପାଇକ (୧୪)। ରୀନା ପ୍ରଧାନୀଙ୍କ ହାତ ଭାଙ୍ଗି ଯାଇଥିବାବେଳେ ଉଷା ପାଇକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଖବରପାଇ ଡାବୁଗାଁ ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନାଯୋଗ୍ୟ, ଝରିଗାଁ ବ୍ଲକ ଅଧୀନ ଚଚା ଗ୍ରାମର ମହିଳାମାନେ କୋଷାଗୁମୁଡା ବ୍ଲକ ଅଧୀନ କଟାଗାଁ ନିକଟସ୍ଥ ବେହେରାଗୁଡା ଗ୍ରାମକୁ ନିଜ ବନ୍ଧୁ ଘରକୁ ଯାଇଥିଲେ । ସେଠାରୁ ନିଜ ଘର ଚଚା ଗ୍ରାମକୁ ବୋଲେରୋ ଗାଡି ନଂ (ଓଡି ୦୨ ବିକ୍ୟୁ ୪୫୧୮) ଯୋଗେ ଫେରୁଥିବା ବେଳେ ଡାବୁଗାଁ–ବୋରିଗାଁ ମୁଖ୍ୟ ରାସ୍ତାର ମାଝିଗୁଡା ଗ୍ରାମ ନିକଟ ଭାରସାମ୍ୟ ହରାଇ ଏକ କଲଭର୍ଟରେ ଦୁର୍ଘଟଣା ଘଟିଥିଲା। ଡାବୁଗାଁ ଥାନା ଏଏସଆଇ ପୁଷ୍ପଲତା ସୁନାନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।



ଦୁର୍ଘଟଣାଗ୍ରସ୍ତ ଗାଡି।

## ମାଲବୋଝେଇ ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

କୋଟଗଡ,୧୦।୯(ସରୋଜ ବଳିୟାରସିଂ)

କୋଟଗଡ଼ ବ୍ଲକ ବଣ୍ଡା ପିପିଲି କୋଟଗଡ ମୁନିଗୁଡାକୁ ସଂଯୋଗ କରୁଥିବା ଏସ୍‌ଏଚ୍ ୫ ରାସ୍ତାରେ ରବିବାର ଏକ ମାଲବୋଝେଇ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବଣ୍ଡାପିପିଲି ଅଞ୍ଚଳ ମୁଣ୍ଡାସାହି ଗ୍ରାମର ରହଲା ଶୁକମାଝି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଥିବା ବେଳେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଦଶ ଲକ୍ଷ ଟଙ୍କା କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ।

## ଦେୱାନୀ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ଯୋଗ ଦେଇଥିବା ବିଚାରପତି ଓ ଅନ୍ୟମାନେ ।

କୁଡୁମୁଲୁଗୁମ୍ମା,୧୦।୯(ସୁଜିତ ପଟ୍ଟନାୟକ)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଦେୱାନୀ କୋର୍ଟରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଡୁମୁଲୁଗୁମ୍ମା ଅଦାଲତ ବିଚାରପତି ସୁମନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ରହି ମାମଲାଗୁଡ଼ିକର ସମାଧାନ କରିଥିଲେ। ଯେଉଁଥିରେ ସରକାରୀ ଓକିଲ ସରୋଜ କୁମାର ସାହୁ, ମୁଖ୍ୟ କିରାଣି ବୃନ୍ଦାବନ ପଣ୍ଡା, କନିଷ୍ଠ କିରାଣି ସଂଗ୍ରାମ କେଶରୀ ମହାରଣା, ଓକିଲ ବିଷ୍ଣୁ ଚରଣ ନାଲା, ଜୟଦେବ ପାତ୍ର, ସୁନୀତା ଦାସ ଓ କୋର୍ଟ ଏସ୍‌ଆଇ ରବୀନ୍ଦ୍ର କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଲୋକ ଅଦାଲତ ମାଧ୍ୟମରେ ୨୫ ମାମଲାର ଫଏସଲା ହୋଇଥିବା ବେଳେ ଏଥିରେ ୨୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା। ଦୀର୍ଘ ଦିନ ଧରି ପଡି ରହିଥିବା ମାମଲାଗୁଡ଼ିକର ବିଚାର ଓ ସମାଧାନ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ହେଉଥିବାରୁ ଜନସାଧାରଣ କୋର୍ଟକୁ ଯାଇ ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ସହ ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରିଥିଲେ ।

## ବେସରକାରୀ ବସ୍ ମାଲିକ, କର୍ମଚାରୀ ସଂଘ ବୈଠକ

ବାଲିମେଳା,୧୦।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ଡ୍ରଗ୍ ଲାଇନରେ ଥିବା ଶହୀଦ ଗୋପୀପୂଜାରୀ ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ମାଲକାନଗିରି ଜିଲା ବେସରକାରୀ ବସ୍ ମାଲିକ ସଂଘ ଓ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଘ ସଭାପତି ରାଜେଶ୍ୱରୀ ପ୍ରଧାନ, ସାଧାରଣ ସମ୍ପାଦକ ଇ.ଭେଙ୍କେଟ ରାଓଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ହୋଇଥିଲା। ଉପଦେଷ୍ଟା ଅଭିରାମ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରାଜେଶ ରାଉତ, ଯୁଗ୍ମ ସମ୍ପାଦକ କେଦାର ନାଥ ଦାସ , ବାଲିମେଳା ବସ୍ ମାଲିକ ସଂଘର ଆଦିତ୍ୟ ମାହାନ୍ତିଙ୍କ ସମେତ ଜିଲାର ସମସ୍ତ ବେସରକାରୀ ବସ୍ ମାଲିକ ଓ ସଂଘ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ସଭାପତି ପ୍ରଧାନ କହିଥିଲେ ଯେ, କରୋନା ମହାମାରୀର ପ୍ରାୟ ୪ବର୍ଷ ପୂର୍ବରୁ ବାଲିମେଳା ସହରର ନୂତନ ବସଷ୍ଟାଣ୍ଡଠାରେ ଜିଲା ବେସରକାରୀ ବସ୍ ମାଲିକ ସଂଘ ଅଧୀନରେ ବାଲିମେଳା ଶାଖା ବସ୍ ମାଲିକ ସଂଘ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା। କୌଣସି କାରଣରୁ ଏହି କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିଲା । କିଛି ମାସ ତଳେ ଜିଲା ସଂଘର ଅନୁମତିକ୍ରମେ ବାଲିମେଳା ଶାଖାର ସଂଘ କାର୍ଯ୍ୟାଳୟ ଖୋଲିଛି। ଏହା ବାଲିମେଳାର ଆଦିତ୍ୟ ମାହାନ୍ତି ଓ ଅଭିରାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି ବୋଲି ପ୍ରଧାନ ସୂଚନା ଦେଇ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ୩ ଜଣ କର୍ମଚାରୀଙ୍କୁ ଜିଲା ସଂଘ ପକ୍ଷରୁ ମାସିକ କିଛି ବେତନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଥିଲେ।



ବୈଠକରେ ବସ୍ ମାଲିକ ଓ ସଂଘ କର୍ମଚାରୀମାନେ ଆଲୋଚନା କରୁଛନ୍ତି।

## ଚାଲି ଚାଲି ଅଯୋଧ୍ୟାରୁ ମାଥିଲି



ଅଯୋଧ୍ୟାରୁ ଆସି ମାଥିଲି ରାମମନ୍ଦିରରେ ପହଞ୍ଚିଥିବା ସମରେନ୍ଦ୍ର ।

■ ଶ୍ରୀରାମ ରହିଥିବା ସ୍ଥାନ ଦେଖିବା ଲକ୍ଷ୍ୟ
■ ୪ ହଜାର କି.ମି.ଚାଲି ସାରିଲେଣି ସମରେନ୍ଦ୍ର

ମାଥିଲି, ୧୦।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ଅଯୋଧ୍ୟା ବାଲିଆରୁ ସମରେନ୍ଦ୍ର ସିଂ ରାଠୋର ଶ୍ରୀରାମ ବନବାସ କାଟିଥିବା ବିଭିନ୍ନ ସ୍ଥାନ ଚାଲିଚାଲି ପରିଦର୍ଶନ କରୁଛନ୍ତି। ରାମଙ୍କ ପାଦ ପଡିଥିବା ସ୍ଥାନ ସୁରକ୍ଷିତ ରହିଛି ନା ନାହିଁ ତାହାର ଠିକ୍ ତଥ୍ୟ ଲୋକଙ୍କୁ ଦେବାକୁ ସ୍ୱପ୍ନ ଦେଖୁଛନ୍ତି ସମରେନ୍ଦ୍ର। ତେବେ ୪ ହଜାର କିଲୋମିଟର ଚାଲି ଚାଲି ରବିବାର ସେ ମାଲକାନଗିରି ଜିଲା ମାଥିଲିରେ ଆସି ପହଞ୍ଚିଥିଲେ। ମାଲକାନଗିରି ମାଥିଲି ଶ୍ରୀରାମ ମନ୍ଦିର ପରିସରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବଣ୍ଡାପାହାଡରେ ଶ୍ରୀରାମଙ୍କ ପାଦ ପଡିଥିବା ସ୍ଥାନ କିପରି ରହିଛି ତାହାକୁ ସେ ତଦାରଖ କରିଥିଲେ। ଏବେ ବି ତାଙ୍କର ୧୫ ହଜାର କିଲୋମିଟର ଯାତ୍ରା ରହିଥିବା ସମରେନ୍ଦ୍ର କହିଛନ୍ତି ।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି,୧୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବାଲାରାଜୁ ପାଢୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩୨ ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ଉଚ୍ଚ ରକ୍ତ ଚାପ, ମଧୁମେହ ସହ ଅନ୍ୟାନ୍ୟ ରୋଗ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତର ପ୍ରଣବ କୁମାର, ଜ୍ୟୋତି ରଞ୍ଜନ ପଣ୍ଡା, ଫାର୍ମାସିଷ୍ଟ ପ୍ରୀତି ରଞ୍ଜନ ଖୁଣ୍ଟିଆ ଓ କୈଳାସ ଚନ୍ଦ୍ର ନାୟକ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଅଶୋକ ସାମଲଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟା ସଦସ୍ୟମାନେ ଉପସ୍ଥିତ ଥିଲେ। କେବଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନୁହନ୍ତି, ଜିଲା ସଦର ମହକୁମାରେ ଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ କରାଯିବ ବୋଲି ସମ୍ପାଦକ ସାମଲ କହିଛନ୍ତି ।



ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ନିର୍ମାଣ ଶ୍ରମିକ ସଂଘ ଗଠନ

ମାଲକାନଗିରି,୧୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ମାଣ ଶ୍ରମିକମାନଙ୍କର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ ଜିଲା ସଂଘ ଗଠନ ହୋଇଥିଲା। ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ତ୍ରିପାଠୀ ସଭାପତି, ଏରା ପଡିଆମି ସାଧାରଣ ସମ୍ପାଦକ, ମଦନ ହନ୍ତାଳ ଓ ରାଜକିଶୋର ହାତୀ ଉପସଭାପତି, ତ୍ରିନାଥ ବଡନାୟକ ଓ ସୁଲତା ପଡିଆମି ସହ ସମ୍ପାଦକ ଏବଂ କାଳିଦାସ ସଗରିଆ କୋଷାଧ୍ୟକ୍ଷ ଭାବେଥି ନିର୍ବାଚିତ ହୋଇଥିଲେ। ଏଥିସହ ୨୧ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ମାଲକାନଗିରି ଜିଲାରେ ଶ୍ରମିକମାନଙ୍କର ସ୍ୱାଭିମାନ ଓ ଅଧିକାର ପାଇଁ ଏହି ସଂଘ କାମ କରିବାକୁ ତ୍ରିପାଠୀ ପ୍ରକାଶ କରିଥିଲେ । ଅତିଶୀଘ୍ର ବ୍ଲକ ଏବଂ ପଞ୍ଚାୟତସ୍ତରରେ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଂଘ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକୁ କିଭଳି ଲୋକଙ୍କ ପାଖରେ ପହଞ୍ଚାଇ ପାରିବ ସେ ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ରା କାର୍ତ୍ତାମି, ଇର୍ମା ସୋଡି, ସିନେଶ ପାଲମଲ, ଶୁକ୍ରା ଗୁରୁତେଲି, ଜଗା ପଡିଆମି ଓ ଭୀମସେନ ପଡିଆମି ପ୍ରମୁଖ ଯୋଗ ଦେଇଥିଲେ ।



ନିର୍ମାଣ ଶ୍ରମିକ ସଂଘ ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘର ଭୂମିପୂଜନ, ସାଧାରଣ ସଭା

ଏମ୍‌ଭି ୭୯/ମାଲକାନଗିରି,୧୦।୯
(ଭିକି ବାରିକ/ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ଜିଲା ଶାଖା ପ୍ରୟାସ କ୍ରମେ କାଲିମେଳା ଓ ପଡିଆ ସାମ୍ବାଦିକଙ୍କୁ ନେଇ ରବିବାର କାଲିମେଳାରେ ଏକ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଭୂମିପୂଜନ ପରେ ସ୍ଥାନୀୟ ଫରେଷ୍ଟ ଗେଷ୍ଟ ହାଉସ ପ୍ରାଙ୍ଗଣରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ, ସମ୍ମାନିତ ଅତିଥି ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଲିମେଳା ବ୍ଲକ ଅଧ୍ୟକ୍ଷା ଶୁଭାସିନୀ ସୋଡି, ପଡିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୂଷାକି, ପଡିଆ ଏମ୍‌ପି ପ୍ରତିନିଧି ସିଏଚ ରାବିଟ କୁମାର, ଜିଲା କ୍ରିକେଟ ଆସୋସିଏଶନ ସଭାପତି ଏମ୍‌ଡି ଫାରୁକ, ସାମାଜିକକର୍ମୀ ଲଳିତ ନାରାୟଣ ମାଡକାମୀ, କାଲିମେଳା ରେଞ୍ଜର ଟଙ୍କଧର ଦାସ, ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର ଓ ସମ୍ପାଦକ ଶ୍ରୀନିବାସ ପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅତିଥିମାନେ ଜିଲାରେ ସାମ୍ବାଦିକଙ୍କ ଗୁରୁତ୍ୱ ଓ ସେମାନଙ୍କ କାର୍ଯ୍ୟ ଶୈଳୀ ଉପରେ ମତବ୍ୟକ୍ତ କରିଥିଲେ। ଜିଲାରେ ରବିବାର ଅନେକ ବିକାଶମୂଳକ କାର୍ଯ୍ୟ ସହ ନାନା ସମସ୍ୟାକୁ ଲୋକ ଲୋଚନକୁ ଆଣି ଏହାର ସମାଧାନ କରାଇବା ପଛରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭୂମି ପୂଜନ ଓ ସାଧାରଣ ବୈଠକରେ ଉତ୍କଳ ସାମ୍ବାଦିକ ସଂଘ କାଲିମେଳା ବ୍ଲକ ଶାଖା ସଭାପତି ରାଜେସ ଓଝା, ସମ୍ପାଦକ ଭିକି ବାରିକ, କୋଷାଧ୍ୟକ୍ଷ ସୌରଭ ମଣ୍ଡଳଙ୍କ ସମେତ ବିଦ୍ୟୁତ ବୈରାଗୀ, ସୁଜିତ ମୁଖାର୍ଜୀ, ପ୍ରଭାତ ସାହା, ଟି. ସତ୍ୟନାରାୟଣ ସୁବୁଦ୍ଧି, ପ୍ରଶାନ୍ତ କୁମାର ସାହୁ, ଭାସ୍କର ରାଓ, ବୁଦ୍ଧଦେବ ମଣ୍ଡଳ, କୁମାର ଆଜର ଓ ରବି କୁମାରଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ମାଲକାନଗିରି ଜିଲାରେ ଉତ୍କଳ ସାମ୍ବାଦିକ ସଙ୍ଘ ଜିଲାରେ କାର୍ଯ୍ୟାଳୟ ସ୍ଥାପନ କରିବା ପରେ ବର୍ତ୍ତମାନ ବିଭିନ୍ନ ବ୍ଲକରେ କାର୍ଯ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବବାନା ଦଳେଇ, ପ୍ରଶାନ୍ତ କୁମାର ସାହୁ ଓ ରାଜେଶ ପାତ୍ର ନୂଆ ସାମ୍ବାଦିକ ଜିଲା ଉତ୍କଳ ସାମ୍ବାଦିକ ସଂଘରେ ସାମିଲ ହୋଇଥିଲେ।



ସାମ୍ବାଦିକ ସଂଘ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜିଲାର ଖବରଦାତାମାନେ ।

## ସଂକ୍ଷେପରେ

### ବଂଶଧାରା ନଦୀରେ ଭାସି ଜଣେ ନିଖୋଜ



ଗୁଡ଼ାରି,୧୦।୯ (ପ୍ରମୋଦ କୁମାର ପତି)

ଗୁଡ଼ାରିସ୍ଥିତ ବଂଶଧାରା ନଦୀରେ ରବିବାର ଗାଧୋଉ ଥିବାବେଳେ ଭାସି ଯାଇ ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ଖବରପାଇ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଏବଂ ସହରର କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ନଦୀରେ ପଶି ଖୋଜା ଖୋଜି କରିଥିଲେ । ଖବରଲେଖା ହେବା ପର୍ଯ୍ୟନ୍ତ ନିଖୋଜ ବ୍ୟକ୍ତିଙ୍କ କିଛି ପତ୍ତା ମିଳିପାରି ନାହିଁ।

### ୟୁବ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ରାୟଗଡା,୧୦।୯(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୟୁଥ୍ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ମହାବିଦ୍ୟାଳୟରେ ୱାଇଆରସି ତରଫରୁ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲଡ଼ ବ୍ୟାଙ୍କ ଅଫିସର ଏମ.ଏମ ଅଜିତ , ଜିଲା ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବବିଲତା ସରଫ ଏବଂ ପୂର୍ବତନ ୱାଇଆରସି କାଉନସିଲର ଶ୍ରୀନିବାସ ଆଚାରୀ ଶୁଭାରମ୍ଭ କରିଥିଲେ। ସଭାରେ ୱାଇଆରସି କାଉନସିଲର ଶ୍ରୀନିବାସ ଆଚାରୀ, ଅମିତ ସାହୁ ତୃପ୍ତିମୟୀ ଭୋଇ ତଥା ଜିଲାର ୪୫ଟି କଲେଜର ଅଧ୍ୟକ୍ଷ ଅଧ୍ୟକ୍ଷା ଏବଂ ୱାଇଆରସି କାଉନସିଲରମାନେ ଉପସ୍ଥିତ ଥିଲେ। ୱାଇଆରସିର ବିକାଶକ୍ରମ ସହିତ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପ୍ରତି କିପରି ଲୋକମାନଙ୍କୁ ସଚେତନ କରିବା ବିଷୟରେ ଆଲୋଚନା କରିଥିଲେ ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମୁନିଗୁଡ଼ା,୧୦।୯(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡାଠାରେ ଥିବା ସୁଭଦ୍ରା ଉଦ୍ଧବ ଶୈକ୍ଷିକ ମଙ୍ଗଳ ଭବନ ପରିସରରେ ଅଖିଳ ଭାରତ ଗ୍ରାମୀଣ ଡାକ କର୍ମଚାରୀ ସଂଘ ରାୟଗଡ଼ା ମଣ୍ଡଳ ପକ୍ଷରୁ ଅବସରପ୍ରାପ୍ତ ଡାକ ନିରୀକ୍ଷଣ ଲକ୍ଷ୍ମଣ ରତ୍ନଲୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୋଷ୍ଟମାଷ୍ଟର ଏ ସନ୍ତୋଷ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ବନ୍ୟପ୍ରାଣୀ ତତ୍ତ୍ୱବଧାରକ ଡ. ଗୌରାଙ୍ଗ ଚରଣ ରାଉତ, ସମ୍ମାନୀୟ ଅତିଥି ରୂପେ ବରାଳ ମହାପାତ୍ର ମଞ୍ଚାସୀନ ଥିଲେ। ତାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁନିଗୁଡ଼ା ଶାଖାର ମୀନକେତନ ଗୌଡ଼, ଚନ୍ଦ୍ର ଶେଖର ପଣ୍ଡା, ପ୍ରତାପ ସାହୁକାର, ସୁନିଲ ପ୍ରଧାନି ପ୍ରମୁଖ ପରିଚାଳନା କରିଥିଲେ। ମୁନିଗୁଡ଼ା ଉପଡାକ ଅଧିନରେ ଥିବା ୨୦ଟି ବ୍ରାଞ୍ଚ ଅଫିସରୁ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ।

# ଥାନା ପରିସରରେ ନଷ୍ଟ ହେଉଛି ଜବତ ଗାଡ଼ି

ରାୟଗଡ଼ା,୧୦।୯(ଆଶିଷ ରଞ୍ଜନ ପଣ୍ଡା)

**ଥାନା ପରିସର ପାଲଟିଛି କବାଡ଼ିଖାନା**

ଅପରାଧ ଘଟାଇବା ପାଇଁ ଅପରାଧୀ ବିଭିନ୍ନ ପ୍ରକାର ଗାଡ଼ି ବ୍ୟବହାର କରୁଛନ୍ତି । ଚୋରି, ଡକାୟତି, ଗଞ୍ଜେଇ ଚାଲାଣ ଆଦି ବିଭିନ୍ନ ଆପରାଧିକ ମାମଲାରେ ବ୍ୟବହୃତ କିମ୍ବା ଦୁର୍ଘଟଣା ଘଟିଥିବା ଦୁଇ ଚକିଆଠାରୁ ଆରମ୍ଭ କରି ଚାରି ଚକିଆ ଯାନବାହନକୁ ପୋଲିସ ଜବତ କରି ଥାନାରେ ରଖୁଛି। ଅଧିକାଂଶ ଗାଡ଼ିରେ ନକଲି ନମ୍ବର ପ୍ଲେଟ ବ୍ୟବହାର କରାଯାଇଥିବାରୁ ଗାଡ଼ିର ପ୍ରକୃତ ମାଲିକଙ୍କ ପରିଚୟ ମିଳି ପାରୁ ନାହିଁ। ସେହିପରି କୌଣସି ଦୁର୍ଘଟଣାଗ୍ରସ୍ତ ଗାଡ଼ି ପୋଲିସ ହେପାଜତରେ ରହିଥିଲେ ଗାଡ଼ି ମାଲିକ ପୋଲିସ ନିକଟକୁ ପରିଚୟ ପ୍ରଦାନ କରି ଗାଡ଼ି ଆଣିବାକୁ ମଧ୍ୟ ଭୟ କରୁଛନ୍ତି । ଫଳରେ ଗାଡ଼ିଗୁଡ଼ିକ ବର୍ଷ ବର୍ଷ ଧରି ପଡ଼ି ରହୁଥିବାରୁ ଥାନା ପରିସର କବାଡିଖାନାରେ ପରିଣତ ହେବାରେ ଲାଗିଛି। ଅପରପକ୍ଷେ ଖରାବର୍ଷାରେ ଗାଡିଗୁଡ଼ିକ ପଡ଼ି ଅକାମୀ ହେବା ସହ ସେଥିରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି । ଜିଲାର ରାୟଗଡ଼ା ଟାଉନ ଥାନା ସମେତ ଚାନ୍ଦିଲି, ବିଷମକଟକ, ମୁନିଗୁଡ଼ା, ଗୁଣପୁର, ପଦ୍ମପୁର ସମେତ ପ୍ରାୟ ଥାନାରେ ସଂଖ୍ୟାଧିକ ବାଇକ ଜବତ ହୋଇ ପଡ଼ିରହିଛି।

ଜବତ ହୋଇଥିବା ଗାଡିକୁ ପାଇବା ପାଇଁ କିଛି ମାଲିକ ଆଇନ ଅନୁସାରେ ଥାନାରେ ଆବେଦନ କରି ଗାଡ଼ି ଫେରି ପାଇଥାନ୍ତି ତ ଆଉ କିଛି କୋର୍ଟରେ ଧାରା ୪୫୭ ଅନୁସାରେ ଆବେଦନ କରି କୋର୍ଟ ନିର୍ଦ୍ଦେଶ ପ୍ରକାରେ ପୋଲିସ ନିକଟରୁ ଗାଡ଼ି ପାଇଥାନ୍ତି। ତେବେ ପୋଲିସର ଚାର୍ଜଶିଟ୍ ଦାଖଲରେ ବିଳମ୍ବ ଓ ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ କାରଣରୁ ଗାଡ଼ିଗୁଡ଼ିକ ପଡ଼ି ପଡ଼ି ନଷ୍ଟ ହୋଇଯାଇଥିବାରୁ ଅଧିକାଂଶ ମାଲିକ ସେଗୁଡ଼ିକୁ ନେଇ ଆଉ ଖର୍ଚ୍ଚାନ୍ତ ହେବାକୁ ଚାହୁଁନାହାନ୍ତି । ଯେଉଁ ଥାନା ପରିସର ବଡ଼ ରହିଥାଏ, ସେଠାରେ ଗାଡ଼ିଗୁଡ଼ିକ ଥାନା ଭିତରେ ରହୁଛି । ହେଲେ ଯେଉଁ ଥାନା ପରିସର ଛୋଟ ଆକାରର ସେଠାରେ ଗାଡ଼ିଗୁଡ଼ିକ ରାସ୍ତା ଉପରେ ପଡ଼ି ରହୁଥିବାରୁ ସେଗୁଡ଼ିକର କିଛି ପାର୍ଟସ ମଧ୍ୟ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି ।



ରାୟଗଡ଼ା ଟାଉନ ଥାନାରେ ପଡ଼ି ରହିଥିବା ଜବତ ଗାଡି।

ଏସମ୍ପର୍କରେ ରାୟଗଡ଼ା ଏସଡିପିଓ ରଶ୍ମି ରଞ୍ଜନ ସେନାପତିଙ୍କୁ ପଚାରିବାରୁ ପୋଲିସ ପାଖରେ ନିଲାମ କ୍ଷମତା ନାହିଁ। ଗାଡ଼ିଗୁଡ଼ିକ ନିଲାମ କରିବା ପାଇଁ ସରକାରୀ ନିୟମାବଳୀ ଅନୁଯାୟୀ କୋର୍ଟ ଅନୁମତି ପାଇଁ ଆବେଦନ କରାଯାଇଛି। ସମସ୍ତ ପ୍ରକ୍ରିୟା ଶେଷ ହୋଇ ଅନୁମତି ମିଳିବା ପରେ ଗାଡ଼ିଗୁଡ଼ିକ ନିଲାମ କରାଯିବ । ଏଥିସହିତ ଯେଉଁ ବ୍ୟକ୍ତି ନିଜ ଗାଡ଼ିର ପ୍ରମାଣପତ୍ର ଓ କୋର୍ଟ ଅନୁମତି ଦେଖାଇବେ ସେମାନଙ୍କୁ ଗାଡ଼ି ଫେରାଇ ଦିଆଯିବ ବୋଲି ସେ କହିଛନ୍ତି। ଏ ବିଷୟରେ ଅଧିକ ତଥ୍ୟ ପାଇଁ ବରିଷ୍ଠ ଆଇନଜୀବୀ ମଙ୍ଗଳମୂର୍ତ୍ତି ବେଉରିଆଙ୍କୁ ପଚାରିବାରୁ ପୋଲିସ ୩ଟି ମାମଲାରେ ଗାଡ଼ି ଜବତ କରିପାରିବ ବୋଲି କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ ପରେ ପରିବହନ ବିଭାଗଠାରୁ ଗାଡ଼ି ଓ ମାଲିକ ବିଷୟରେ ସବିଶେଷ ତଥ୍ୟ ପାଇବା ପରେ ପୋଲିସ ଗାଡ଼ି ମାଲିକଙ୍କୁ ଗାଡ଼ି ଫେରାଇ ପାରିବ । ସେହିଭଳି ଯଦି ଡ୍ରଙ୍କେନ ଡ୍ରାଇଭ ମାମଲାରେ ପୋଲିସ ଗାଡ଼ି ଜବତ କରି କିଛି ଚାପରେ ଛାଡ଼ି ଦେଉଥିବା ବେଳେ ଅନ୍ୟ କିଛି ମାମଲା କୋର୍ଟକୁ ପଠାଉଛନ୍ତି । ତେବେ କୋର୍ଟକୁ ପଠାଇବା ସମୟରେ ଗାଡ଼ିର ସମସ୍ତ ତଥ୍ୟ ଓ ଫଟୋ ଆଦି ସହିତ କୋର୍ଟରେ ଦାଖଲ କରିବା କଥା । କିନ୍ତୁ ସେଗୁଡ଼ିକ ପୋଲିସ ପକ୍ଷରୁ ହେଉନାହିଁ। ଫଳରେ ଗାଡ଼ି ମାଲିକ ନିଜେ ସେ ସବୁ କରି କୋର୍ଟରେ ଦାଖଲ କରି ଗାଡ଼ି ଛାଡ଼ିବା ପାଇଁ କୋର୍ଟରେ ଆବେଦନ କରୁଥିବା ଆଇନଜୀବୀ ମଙ୍ଗଳମର୍ତ୍ତି କହିଛନ୍ତି । ଅପରପକ୍ଷେ ଗଞ୍ଜେଇ,ମଦ ଆଦି ଅବକାରୀ ମାମଲାରେ ଗାଡ଼ି ଜବତ ହୋଇଥିଲେ ମାମଲା କୋର୍ଟରେ ପ୍ରମାଣିତ ହେବା ପରେ ଜିଲାପାଳଙ୍କ ସ୍ୱୀକୃତିରେ ଉକ୍ତ ଗାଡ଼ିଗୁଡ଼ିକୁ ବାଜ୍ୟାପ୍ତି କରାଯାଇପାରିବ ବୋଲି ସେ କହିଛନ୍ତି । ତେବେ ଗାଡ଼ିଗୁଡ଼ିକ ନିଲାମ ମାଧ୍ୟମରେ ବାଜ୍ୟାପ୍ତି କରି ଉକ୍ତ ଅର୍ଥକୁ ଟଙ୍କାକୁ ଜମା କରାଯିବ ବୋଲି ଏ ନେଇ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଜାରି କରିଥିଲେ। ଗାଡ଼ିଗୁଡ଼ିକ ଫାଇନାନ୍ସ ରହୁଥିବାରୁ ସେଗୁଡ଼ିକର ବାଜ୍ୟାପ୍ତି ହୋଇପାରୁନାହିଁ। ତେଣୁ କୋର୍ଟକୁ ମାମଲା ପଠାଇବା ସମୟରେ ପୋଲିସ ଯଦି ଆବଶ୍ୟକ ତଥ୍ୟ ଓ ଫଟୋ ଆଦି ଦାଖଲ କରିବେ ତେବେ ଗାଡ଼ି ମୁକ୍ତ ପାଇଁ କୋର୍ଟ ନିର୍ଦ୍ଦେଶରେ ବିଳମ୍ବ ହେବ ନାହିଁ ବୋଲି ଆଇନଜୀବୀ ମଙ୍ଗଳମୂର୍ତ୍ତି ବେଉରିଆ କହିଛନ୍ତି ।

## ଗୌଡ଼ ସମାଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ମୁନିଗୁଡ଼ା, ୧୦।୯(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡାର ଗୌଡ ସାହିସ୍ଥିତ ଗୌଡ ସମାଜ ଗୃହର ଷୋହଳ ଖଣ୍ଡ ଗୌଡ଼ ସମାଜ ପକ୍ଷରୁ ନନ୍ଦ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରୀତିନୀତି ଅନୁସାରେ ପାଳିତ ହୋଇଯାଇଛି । ପୁରହିତ ନିକୁଞ୍ଜ ଶତପଥୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ପୂଜାରେ କର୍ତ୍ତା ଭାବେ ସମାଜର ବ୍ଲକ ସଭାପତି ପଦ୍ମନାଭ ବେହେରା ହୋମ କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ଦହିହାଣ୍ଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିସହ ସମାଜର ପ୍ରାୟ ୧୭ ଜଣ କୁନିକୁନି ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ପଦ୍ମନାଭ ବେହେରା, ବ୍ଲକ ସମ୍ପାଦକ ପ୍ରଫୁଲ୍ଲ କୁମାର ଗୌଡ, ମୁନିଗୁଡା ସଭାପତି ହାଡ଼ିପା ଗୌଡ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦୋରା ପ୍ରମୁଖଙ୍କ ସମେତ ସମାଜର ଅନ୍ୟ ସଦସ୍ୟମାନେ ଭାଗ ନେଇଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିସହ ପିଲାଙ୍କୁ ନୃତ୍ୟ ଓ ଗୀତ ଶିଖାଇଥିବା ଗୁରୁ ଅମିତ ସାହୁ ଓ ଉତ୍ତମ କୁମାର ଦାଶଙ୍କୁ ମଧ୍ୟ ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ଆଜିଠାରୁ ସାମୂହିକ ଛୁଟିରେ ଯିବେ ଜିଲା ଶିକ୍ଷକ

**ରାୟଗଡା ଜିଲା କାର୍ଯ୍ୟକାରିଣୀ ବୈଠକ**

ରାୟଗଡା,୧୦।୯ (ଭାଗ୍ୟଶ୍ରୀ ମିଶ୍ର ):

ରାୟଗଡ଼ା ଜିଲା ଜେକେପୁରଠାରେ ଜିଲାର ସମସ୍ତ ବର୍ଗର ଶିକ୍ଷକ ସଂଗଠନର ନେତୃବୃନ୍ଦଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବା ସହ ଜିଲା କାର୍ଯ୍ୟକାରିଣୀ ସମିତି ଗଠନ କରାଯାଇଥିଲା । କୋଲନରା ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଦୀପକ କୁମାର ସାହୁ ଓ ସୁରେଶ ପଟ୍ଟନାୟକଙ୍କ ଆବାହନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାର ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କର ୩ ଦଫା ନ୍ୟାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସୋମବାରଠାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ନରେଶ କୁମାର ସ୍ୱାଇଁ, ରାୟଗଡ଼ା



ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ଜିଲା ସଭାପତି ଅଜିତ କୁମାର ଚୌଧୁରୀ, ଓଜେଟିଏର ଓଡ଼ିଶା ରାଜ୍ୟ ମହାସଚିବ ଆଦିତ୍ୟ ପ୍ରସାଦ ସ୍ୱାଇଁ, ରାଜ୍ୟ ମିଳିତ ମଞ୍ଚ ଆବାହକ ସୁନୀଲ କୁମାର ପ୍ରଧାନ, ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ନେତା ତଥା ଆବାହକ ପ୍ରମୋଦ କୁମାର ପଣ୍ଡା, ନୂତନ ପେନସନ୍‌ଭୁକ୍ତ ଶିକ୍ଷକ ସଂଘର ରାୟଗଡ଼ା ଜିଲା ସଭାପତି ସୋମନାଥ ଗରଡ଼ା, ଉପ ସଭାପତି ସାଧନା ପ୍ରଧାନ, ସମ୍ପାଦକ ମାଣ୍ଡଙ୍ଗି ତାଡଡ୍ଡୁ, କାର୍ଯ୍ୟକାରୀ ସଭାପତି କରୁଣାକର ମାଝି, ସହ ସମ୍ପାଦକ ଜଗଦୀଶ ଚିନ୍ତାଡା, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ନାୟକ, ଏୟୁପିଟିଏଫ ଖାରବେଳ ନଗର ଶାଖା ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା ଓ ବିଭିନ୍ନ ବ୍ଲକର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଡାକରାରେ ସାରା ରାଜ୍ୟର ବିଭିନ୍ନ ଜିଲାର ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହ ଶୁକ୍ରବାରଠାରୁ ବିଇଓ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଗତ ୨ଦିନ ହେଲା କାଶୀପୁର ବ୍ଲକର ୨୦୦ରୁ ଅଧିକ ସ୍କୁଲରେ ତାଲା ପଡ଼ିବା ସହ ପାଠପଢା ଠପ ହୋଇଯାଇଛି।

## ଅସରାଏ ବର୍ଷା: ଦୋକାନରେ ପଶିଲା ଡ୍ରେନ୍ ପାଣି

ଟିକିରି,୧୦।୯(ପ୍ରଫୁଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ଗ୍ରାମରେ ରବିବାର ବର୍ଷା ଯୋଗୁ କିଛି ଦୋକାନ ଘରେ ଡ୍ରେନ୍ ପାଣି ପଶି ଜିନିଷପତ୍ର ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଡ୍ରେନଗୁଡିକରେ ଦୀର୍ଘଦିନ ହେଲା କୁଢକୁଢ ଆବର୍ଜନା ପଡିରହିଥିଲେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ଟିକିରି ବଣିକ ସଂଘ ପକ୍ଷରୁ ସଫେଇ ପାଇଁ କୌଣଷି ପଦକ୍ଷେପ ନିଆଯାଉ ନାହିଁ। ଦୋକାନରୁ ବାହାରୁଥିବା ଆବର୍ଜନାକୁ ଡ୍ରେନ ମଧ୍ୟକୁ ପକାଇବା ଦ୍ୱାରା ଏହା ଭର୍ତି ହୋଇ ରାସ୍ତା ଉପରକୁ ଏବଂ ଦୋକାନ ଗୃହ ମଧ୍ୟକୁ ଡ୍ରେନ୍ ପାଣି ପଶି ଯାଉଥିବା ଦେଖାଦେଇଛି। ଭୀମସେନ ସାହୁ, ବିକାସ ପାତ୍ର ଓ ମନୋଜ ପୃଷ୍ଟିଙ୍କ ଦୋକାନ ଘରେ ଡ୍ରେନପାଣି ପଶିଥିବାବେଳେ ବହୁ ଜିନିଷପତ୍ର ନଷ୍ଟ ହୋଇଯାଇଥିବା ସେମାନେ କହିଛନ୍ତି। ନିୟମିତ ଡ୍ରେନ ସଫା କରାଯିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ଜିଲା କଂଗ୍ରେସ ସଭାପତିଙ୍କୁ ସ୍ୱାଗତ



ସମ୍ବର୍ଦ୍ଧନା ସଭାରେ ରାୟଗଡା ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କ ସହ ଅନ୍ୟମାନେ।

ଗୁଡ଼ାରି,୧୦।୯ ( ପ୍ରମୋଦ କୁମାର ପତି)

ରାୟଗଡା ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ରବିବାର ସିରିଗୁଡା ଗ୍ରାମପଞ୍ଚାୟତର ରେଙ୍ଗାମଠାରେ ଗୁଡ଼ାରି କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣୁପୁର ନିର୍ବାଚନମଣ୍ଡଳୀର ସମସ୍ତ ବ୍ଲକ ଓ ଟାଉନ ସଭାପତି, ରାମନଗୁଡା ଓ ଗୁଣୁପୁର ବ୍ଲକର ଜିଲା ପରିଷଦ ସଦସ୍ୟ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ଗୁଡ଼ାରିରେ କଂଗ୍ରେସ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯିବ ଏବଂ ଅଞ୍ଚଳରେ ଯେ କୌଣସି ବ୍ୟକ୍ତିଙ୍କ ଅସୁବିଧା ହେଲେ ଫୋନ୍ କରିବାକୁ ସଭାପତି ଉପସ୍ଥିତ କର୍ମୀ ଓ ନେତାଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଗୁଡ଼ାରି ବ୍ଲକର ପ୍ରତ୍ୟେକ ପଞ୍ଚାୟତର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଗୁଡ଼ାରି ବ୍ଲକ ସଭାପତି ତଥା ଏମ୍‌ପି ପ୍ରତିନିଧି ଭାସ୍କର ଜାଗରଙ୍ଗାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଘୋଷିତ ବିଦ୍ୟୁତ୍‌କାଟ୍, ସହରବାସୀ ଅତିଷ୍ଠ

ରାୟଗଡ଼ା,୧୦।୯ (ଭାଗ୍ୟଶ୍ରୀ ମିଶ୍ର )

**ରାତି ୯ରୁ ୨ଟା ପର୍ଯ୍ୟନ୍ତ ସହର ଅନ୍ଧାର**

ରାୟଗଡ଼ା ସହରରେ ଅଘୋଷିତ ବିଦ୍ୟୁତ୍‌କାଟ୍ ଏବଂ ଲୋ ଭୋଲଟେଜ୍ ସମସ୍ୟା ଯୋଗୁ ସହରବାସୀ ଅତିଷ୍ଠ ହୋଇପଡ଼ିଲେଣି। ଗତ ୩ ଦିନ ହେଲା ଲଗାତାର ବିଦ୍ୟୁତ୍‌କାଟ ହେଉଥିବାବେଳେ ଶନିବାର ରାତି ୯ରୁ ୨ଟା ପର୍ଯ୍ୟନ୍ତ ସାରା ରାୟଗଡା ଅନ୍ଧାରରେ ରହିଥିଲା। ଟାଟା ପାୱାରର ମନମୁଖି କାର୍ଯ୍ୟକୁ ନେଇ ସହରବାସୀ ନିନ୍ଦା କରିଛନ୍ତି। ସାମାନ୍ୟ ବର୍ଷା, ପବନ ହେଲେ ବିଦ୍ୟୁତକାଟ୍ କରାଯିବା ସହ ଅନେକ ସମୟରେ ଟେକ୍ନିକାଲି ତ୍ରୁଟି ଥିବା ଦର୍ଶାଇ ବାରମ୍ବାର ବଦ୍ୟୁତ୍‌କାଟ କରାଯାଉଛି। ଅନ୍ୟପକ୍ଷେ ଟାଟା ପାୱାର ୟୁନିଟ ପିଛା ଦର ବଢ଼ାଇବା ସହ ବିଲ ପରିଶୋଧ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଛି । କିନ୍ତୁ ଯଦି କିଛି ସମସ୍ୟା ହେଲେ ସମାଧାନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ଅବହେଳା କରୁଛନ୍ତି ବୋଲି ୮ନମ୍ବର ୱାର୍ଡର କାଉନସିଲର ମଞ୍ଜୁଳା ମିନିଆକା ପ୍ରଶ୍ନ କରିଛନ୍ତି। ବାରମ୍ବାର ବିଦ୍ୟୁତ୍‌କାଟ୍‌କୁ ଭାଜପା ନଗର ସଭାପତି ମିଣିଆକା ବିରୋଧ କରି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ୩ ଦିନ ହେବ ବାରମ୍ବାର ବିଦ୍ୟୁତ୍‌କାଟ୍ ଯୋଗୁ ଲୋକେ ଗରମରେ ଅତିଷ୍ଠ ହେଉଥିବାବେଳେ ପାଣି ନ ଆସିବାରୁ ହଇରାଣ ହେଉଥିବା ଗୌତମ ନଗର, ହାତୀପଥର ରୋଡ଼, ମହିଳା ମହାବିଦ୍ୟାଳୟ ରୋଡ଼, କସ୍ତୁରୀ ନଗର, ଉମାଶଙ୍କର ଟକିଜ,ତେଜସ୍ୱୀ ହୋଟେଲ ଜଙ୍କସନ, ରାଣୀଗୁଡା ଫାର୍ମର ବାସିନ୍ଦା ଅଭିଯୋଗ କରିଛନ୍ତି । ସହରରେ ତୁରନ୍ତ ବିଦ୍ୟୁତ୍‌କାଟ, ଲୋଭୋଲଟେଜ ସମସ୍ୟା ଦୂର କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ବିଦ୍ୟୁଲ୍ ବିଲ ପୈଠ ନ କରିବାକୁ ମଞ୍ଜୁଳା ମିନିଆକା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ କହିଛନ୍ତି ଆମେ ସବୁ ବେଳେ ଲୋକଙ୍କୁ ସେବା ଦେବାକୁ ଚେଷ୍ଟା କରୁଛୁ । ରାସ୍ତା କଡରେ ଗଛ ଲଗାଇବା, ଟେକ୍ନିକାଲ ସମସ୍ୟା ଯୋଗୁ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବା ସେ କହିଛନ୍ତି।

# ଘରୁ ଲୁଟ୍ ଘଟଣା: ୨ ଗିରଫ, ସୁନା ଅଳଙ୍କାର ଜବତ

ରାୟଗଡ଼ା/ଜେକେପୁର,୧୦।୯
(ଆଶିଷ ରଞ୍ଜନ ପଣ୍ଡା/ନିଧି ଗାଣ୍ଡେଚା)

ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ଆଜାଦ ନଗରରେ ଏକ ଘରୁ ଚୋରି ଘଟଣାର ୨ ଦିନ ମଧ୍ୟରେ ଚାନ୍ଦିଲି ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତ ଚାନ୍ଦିଲି ଥାନା ଅନ୍ତର୍ଗତ ଅରବିନ୍ଦ ନଗରର କ୍ରିଷ୍ଣା ପାଲକିଆ(୨୫) ଓ ରୋହିତ ନାଏକ(୨୪) ବୋଲି ଚାନ୍ଦିଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସଡିପିଓ ରଶ୍ମି ରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଚୋରି ହୋଇଥିବା ଏକ ରାଣୀହାର, ଏକ ହଳ କାନଫୁଲ ଓ ୨ଟି ସୁନା ଚେନ୍ ସମେତ ୬ଟି ରୁପା ଆଙ୍କଲେଟ ପୋଲିସ ଜବତ କରିଛି । ଚାନ୍ଦିଲି ଥାନା ଆଇଆଇସି




ଖବରଦାତା ସମ୍ମିଳନୀରେ ପୋଲିସ ଚୋରି ଘଟଣା ସମ୍ପର୍କରେ ସୂଚନା ଦେଉଛି।

ପ୍ରସନ୍ନ ବେହେରାଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରଥିବା ଏସଡିପିଓ ସେନାପତି ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଆଜାଦ ନଗର ବାସିନ୍ଦା ଜି.ଭେଙ୍କଟ ରାମଣା ଗତ ୬ ତାରିଖରେ ସପରିବାର ବିଶାଖାପାଟଣା ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ୭ ତାରିଖ ରାତିରେ ଦୁର୍ବୃତ୍ତ ତାଙ୍କ ଘରେ ପଶି ଚୋରି କରିଥିଲେ ।

# ଲରି ମାଲିକ ସଂଘ ନାଁରେ ଥିବା ଘର ଟ୍ରକ୍ ମାଲିକ ସଂଘକୁ ହସ୍ତାନ୍ତର

ରାୟଗଡ, ୧୦।୯(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ସହରର କପିଳାସ ରୋଡରେ ଲରି ମାଲିକ ସଂଘ ନାମରେ ଥିବା ଏକ ଘରକୁ ରବିବାର ଟ୍ରକ ମାଲିକ ସଂଘକୁ ହସ୍ତାନ୍ତର କରାଯାଇଛି। ଲରି ମାଲିକ ସଂଘ ସଭାପତି କେ.ରାଘବ କୁମୁନ୍ଦନ ଘରର ଚାବି ଟ୍ରକ ମାଲିକ ସଂଘ ସଭାପତି ୟାଲ୍ଲା ଭେଙ୍କେଟେଶ୍ୱର ରାଓ ଓରଫ କୋଣ୍ଡାବାବୁଙ୍କୁ ହସ୍ତାନ୍ତର କରିଛନ୍ତି। ଯାହାକୁ ନେଇ ଟ୍ରକ୍ ମାଲିକ ସଂଘ କାର୍ଯ୍ୟକର୍ତା ଓ ସଭ୍ୟମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ରାୟଗଡା ସହରରେ ଲରି ମାଲିକ ସଂଘ ନାମରେ ୩ଟି ସ୍ଥାନରେ ସମ୍ପତ୍ତି ରହିଥିବା ବେଳେ ଟ୍ରକ ମାଲିକ ସଂଘ ନାମରେ କୌଣସି ସ୍ଥାୟୀ ସମ୍ପତି ନ ଥିଲା। ଯାହାକୁ ନେଇ ଟ୍ରକ୍ ମାଲିକ ସଂଘ ଲରି ମାଲିକ ସଂଘକୁ ଜମି ଦେବାକୁ ଦାବି କରି ଆସୁଥିଲେ । ତେବେ ଲରି ମାଲିକ ସଂଘ ତରଫରୁ ଅନ୍ୟ ସଂଘକୁ ଜମି ବ୍ୟବହାର ପାଇଁ ଲିଜ ଆକାରରେ ପ୍ରଦାନ କରାଯାଇଥିଲା । ଯାହାକୁ ନେଇ ଟ୍ରକ ମାଲିକ ସଂଘ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ଅଗଷ୍ଟ ୨ତାରିଖରେ ସହରର ନ୍ୟୁକଲୋନୀ ସ୍ଥିତ ପୁରୁଣା ଫାଏର ଷ୍ଟେସନ ରାସ୍ତା ତଥା ଇଣ୍ଡିଆନ ବ୍ୟାଙ୍କ ରୋଡରେ ଥିବା ଲରି ମାଲିକ ସଂଘର ରାୟଗଡା ମୌଜାର ଜାଗା ଉପରେ ଟ୍ରକ୍ ମାଲିକ ସଂଘର କିଛି ସଦସ୍ୟ ପକ୍ଷରୁ ଜୋର ଜବରଦସ୍ତ ଦଖଲ କରାଯାଇଥିବା ବେଳେ ଘଟଣାଟି ରାୟଗଡା ଥାନାରେ ପହଞ୍ଚିଥିଲା । ଉଭୟ ପକ୍ଷଙ୍କ ଅଭିଯୋଗ ଓ ଦାବିକୁ ନେଇ ଥାନା ଅଧିକାରୀ ୧୫ ଦିନ ମଧ୍ୟରେ ଆପୋଷ ବୁଝାମଣା ପାଇଁ ପରାମର୍ଶ ଦେଇଥିବା ବେଳେ ଯଦି କୌଣସି ନିଷ୍କର୍ସ ନ ବାହାରେ ତେବେ ଉକ୍ତ ଜାଗାଟି ସିଭିଲ କୋର୍ଟକୁ ସ୍ଥାନାନ୍ତର କରାଯିବ । କିନ୍ତୁ ଉଭୟ ସଂଘ ପକ୍ଷରୁ ମାମଲା ସମ୍ବନ୍ଧରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ କପିଳାସ ରୋଡରେ ଥିବା ଜାଗାଟି ଟ୍ରକ ମାଲିକ ସଂଘକୁ ହସ୍ତାନ୍ତର କରିବା ପାଇଁ ଲରି ମାଲିକ ସଂଘ ମାନି ନେବା ଏବଂ ଆମ ଭିତରେ କେବେ ବି ଜାଗାକୁ ନେଇ କୌଣସି ବିବାଦ ତଥା ମନାନ୍ତର ନ ଥିଲା ବୋଲି ଉଭୟ ସଂଘର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି।



ଘରର ଚାବି ହସ୍ତାନ୍ତର ସମୟରେ ଲରି ମାଲିକ ସଂଘ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା।

# ବିପଦସଙ୍କୁଳ ଅବସ୍ଥାରେ ନାଇପେଟା, ନାଗାବଳୀ ପୋଲ

ରାୟଗଡା,୧୦।୯ (ଭାଗ୍ୟଶ୍ରୀ ମିଶ୍ର )

- ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ
- ତୁରନ୍ତ ମରାମତି ଦାବିକଲେ ଅଞ୍ଚଳବାସୀ

ରାଜପଥ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ବର୍ଷ ବର୍ଷ ଧରି ରାଜପଥଗୁଡ଼ିକର ନିର୍ମାଣ କି ମରାମତି ହେଉନି। ରାୟଗଡ଼ା ଜିଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ଦୀର୍ଘଦିନ ହେଲା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ରାୟଗଡା ସହରର ରିଲାଏନ୍ସ ପେଟ୍ରୋଲ ପମ୍ପଠାରୁ ଆରମ୍ଭକରି ଅମ୍ଳାଭଟା ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଶୋଚନୀୟ ହୋଇପଡ଼ିଛି। ଏଥିସହ ନାଗାବଳୀ ବ୍ରିଜ୍ ଏବଂ ନାଇପେଟା ବ୍ରିଜ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଙ୍କୁଳ ହୋଇପଡ଼ିଛି। ବ୍ରିଜ୍ ଦେଇ କୌଣସି ଭାରିଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ଥିବା ବୁଦ୍ଧିଜୀବୀ କହିଛନ୍ତି। ବ୍ରିଜଗୁଡିକ ବହୁ ପୁରୁଣା ହୋଇଥିବାରୁ ସେଥିରୁ କାଡପା ପ୍ଲେଟ, ସିମେଣ୍ଟ ଛାଡି ଲୁହା ଛଡ଼ ବାହାରି ପଡ଼ିଲାଣି। ତେବେ ବ୍ରିଜର ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତିଦିନ ଶତାଧିକ ଭାରିଯାନ ଏହି ବ୍ରିଜ୍ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ବର୍ଷା ହେଲେ ରାସ୍ତାରେ ଥିବା ଖାଲରେ ପାଣି ଜମି ରହୁଥିବାରୁ ଲୋକେ ଜାଣି ନ ପାରି ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ରାଜପଥ ପଡୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ, ବ୍ରହ୍ମପୁର ଓ କୋରାପୁଟକୁ ସଂଯୋଗ କରୁଥିବାରୁ ଉକ୍ତ ରାସ୍ତାରେ ପ୍ରତିଦିନ ନେତା, ମନ୍ତ୍ରୀମାନେ ଯିବା ଆସିବା କରୁଥିଲେ ମଧ୍ୟ ରାସ୍ତାର ଅବସ୍ଥା ଉପରେ କାହାର ନଜର ପଡୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ବ୍ରିଜ୍ ମରାମତି ପାଇଁ ଅଞ୍ଚଳବାସୀ ଅଭିଯୋଗ କଲେ, ବିଭାଗୀୟ କର୍ତ୍ତୃପକ୍ଷ କାମଚଳା ନୀତିରେ ଖାଲଖମାରେ ମାଟି, ସିମେଣ୍ଟ ଭରି ଦେଇ ଚୁପ ବସୁଛନ୍ତି। ତୁରନ୍ତ ରାସ୍ତା ମରାମତି ସହ ବ୍ରିଜର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ନାଗାବଳୀ ବ୍ରିଜ ଅବସ୍ଥା ଶୋଚନୀୟ।

ସୂଚନାଯୋଗ୍ୟ,ଗତ କିଛି ଦିନ ତଳେ ରାୟଗଡା ଜିଲା କଲ୍ୟାଣସିଂପୁରର ଉପରସାଜା ଗ୍ରାମରେ ନିର୍ମାଣାଧୀନ ବ୍ରିଜ ଭୁଶୁଡ଼ି ୪ ଶିଶୁଙ୍କ ସମେତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜିଲା ତଥା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ତେଣୁ ଏହି ୨ଟି ପୁରୁଣା ବ୍ରିଜ୍‌ରେ କିଛି ଦୁର୍ଘଟଣା ଘଟିବା ପୂର୍ବରୁ ରାଜପଥ ବିଭାଗ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି। ଏ ନେଇ ରାୟଗଡାର ଜଣେ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ କହିଛନ୍ତି, ଏଭଳି ବିପଦପୂର୍ଣ୍ଣ ରାସ୍ତା ଦେଇ ଯିବା ଆସିବା କରିବାକୁ ଭୟ ଲାଗୁଛି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ସେ ଦାବି କରିଛନ୍ତି । ରାୟଗଡ଼ା ଜାତୀୟ ରାଜପଥ କାର୍ଯ୍ୟାଳୟରେ ଅବସ୍ଥାପିତ ଏସ୍‌ଡିଓ ବିକ୍ରମ ପାଣିଗ୍ରାହୀ ସୁନାବେଡାରେ ଥିବା ମୁଖ୍ୟ ଡିଭିଜନ କାମ ଥିବା ଦର୍ଶାଇ ରାୟଗଡାରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ଲକ୍ଷ୍ମୀପୁର ଜେଇଙ୍କୁ ରାୟଗଡା ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ସେ ମଧ୍ୟ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବାରୁ ୪ ଜଣ ପିଅନଙ୍କୁ ନେଇ ଚାଲିଛି ଜାତୀୟ ରାଜପଥ ବିଭାଗ । ତେଣୁ ଜାତୀୟ ରାଜପଥରେ ଏକ ସ୍ଥାୟୀ ଜେଇଙ୍କୁ ନିଯୁକ୍ତି କରିବାକୁ ମଧ୍ୟ ସାଧାରଣରେ ଦାବି ହୋଇଛି। ରାଜପଥ ସମସ୍ୟା ସମ୍ପର୍କରେ ପାଣିଗ୍ରାହୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଉପରିସ୍ଥ ଅଧିକାରୀଙ୍କୁ ନୂତନ ବ୍ରିଜ ପାଇଁ ପ୍ରସ୍ତାବ ଦିଆଯାଇଛି। ତେବେ ବ୍ରିଜ୍ ମରାମତି କାମ ଅତିଶୀଘ୍ର ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

